[2009] 7 S.C.R.

କେ. ଏନ୍. ନରେନ୍ଦ୍ରନାଥ୍

ବନାମ

କର୍ଣ୍ଣାଟକ ରାଜ୍ୟ

ଫୌଜଦାରୀ ଆବେଦନ ସଂଖ୍ୟା 965/2009

ମେ 08,2009

**[ଡକ୍ଟର ଅରିଜିତ ପଶାୟତ ଏବଂ ପି. ସଥାସିଭମ୍, ନ୍ୟାୟମୂର୍ତ୍ତିଦ୍ୱୟ]**

ଦଣ୍ଡ ସଂହିତା, 1860- ଧାରା 302 –- - ସ୍ୱାମୀଙ୍କ ଦ୍ୱାରା ଗଳା ଚିପିବା ଯୋଗୁଁ ପତ୍ନୀଙ୍କ ନରହତ୍ୟା ଜନିତ ମୃତ୍ୟୁ - ମାମଲା ମୁଖ୍ୟତଃ ଆବେଦନକାରୀ-ସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଅଦାଲତ ବାହାର ଦୋଷ ସ୍ୱୀକାରୋକ୍ତି ଉପରେ ଆଧାରିତ - ବିଚାରଣ ନ୍ୟାୟଳୟଙ୍କ ଦ୍ୱାରା ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ - ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କାଏମ ରଖାଗଲା - ରାୟ ଦିଆଗଲା : ତଥ୍ୟ ଉପରେ, ଏହା ସଠିକ୍ ନୁହେଁ - ଅଦାଲତ ବାହାର ଦୋଷ ସ୍ୱୀକାରୋକ୍ତିରେ ଅତ୍ୟଧିକ ଅସମ୍ଭବତା - ଦୋଷୀସାବ୍ୟସ୍ତୀକରଣ ପୋଷଣୀୟ ନୁହେଁ , ତେଣୁ ଏହାକୁ ରଦ୍ଦ କରଗଲା ।

ଫୌଜଦାରୀ ଆବେଦନ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 965/2009

ଫୌଜଦାରୀ ଆବେଦନ ସଂଖ୍ୟା 1815/2004 ରେ ବାଙ୍ଗାଲୋର ସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର ମାନ୍ୟବର ଦୁଇଜଣିଆ ନ୍ୟାୟାମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ପାରିତ ହୋଇଥିବା ତାରିଖ 26.07.2007ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଅରବିନ୍ଦ ସାୱନ୍ତ, ସନ୍ଥ କୁମାର ଭି. ମାହାଲେ, ରାଜେଶ ମାହାଲେ ।

ଉତ୍ତରଦାତାଙ୍କ ପାଇଁ ଅନିତା ଶିନୋର୍ ।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା, ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

1. ଅନୁମତି ପ୍ରଦାନ କରାଗଲା ।

2. କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କର ଏକ ଦୁଇଜଣିଆ ଖଣ୍ଡପୀଠଙ୍କର ରାୟ, ଯାହା ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି') ର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ତାଙ୍କ ଦୋଷୀସାବ୍ୟସ୍ତିକରଣ କୁ କାଏମ ରଖିବା । ଦୌରା ମାମଲା ସଂଖ୍ୟା 55/1999 ରେ ଆବେଦନକାରୀଙ୍କୁ ଟୁମକୁର୍ ସ୍ଥିତ ତୃତୀୟ ଅତିରିକ୍ତ ବିଚାରପତି, ଦୋଷୀ ସାବ୍ୟସ୍ତ କଲେ ।

3. ସଂକ୍ଷେପରେ ପୃଷ୍ଠଭୂମିର ତଥ୍ୟ ନିମ୍ନରେ ଦିଆଗଲା :

ଅଭିଯୋଜନ ସାକ୍ଷୀ - 3 ଙ୍କ ର ଝିଅ କୁମାଦାଭାଥୀ (ଏହା ପରଠାରୁ 'ମୃତଙ୍ଗି' ଭାବରେ ସୂଚିତ ) ଅଭିଯୁକ୍ତଙ୍କୁ ବିବାହ କରିଥିଲେ । ଅଭିଯୁକ୍ତ ଜଣକ କଳାବତୀ (ଅଭିଯୋଜନ ସାକ୍ଷୀ 11) ଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ରଖିଥିଲେ ଏବଂ 05.12.1998 ରେ ପାଖାପାଖି ରାତ୍ର ୫ଟା ବେଳେ କୋରାଟାଗେରେ ସହରର ସଦର ଗଳିରେ ଥିବା ଅଭିଯୁକ୍ତଙ୍କ ଘରେ, ଅଭିଯୁକ୍ତ ଜଣକ ତାଙ୍କ ପତ୍ନୀ କୁମାଦାଭାଥୀ ଙ୍କର ଗଳା ଚିପି ହତ୍ୟା କଲେ ଏବଂ ଏହିପରି ଭାରତୀୟ ଦଣ୍ଡ ସଂହିତାର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ଘଟାଇଲେ । ମୃତଙ୍ଗିଙ୍କର ମା (ଅଭିଯୋଜନ ସାକ୍ଷୀ- 3) ଏବଂ ତାଙ୍କର ବାପାଙ୍କୁ (ଅଦାଲତ ସାକ୍ଷୀ 1), ତାଙ୍କ ମୃତ୍ୟୁ ବିଷୟରେ ଜଣାଇ ଦିଆଯାଇଥିଲା ଏବଂ ସେମାନେ ଅଭିଯୁକ୍ତଙ୍କ ଘରକୁ ଗଲେ ଓ ସେମାନଙ୍କ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଲେ । ଯାଞ୍ଚ କରାଯାଇଥିବା ଅଭିଯୋଜନ ସାକ୍ଷୀ 2ଙ୍କ କହିବା ଅନୁଯାୟୀ (ଅଦାଲତ ସାକ୍ଷୀ 1) କୁମାଦାଭାଥୀଙ୍କ ପିତା, ଅଭିଯୋଗ ଦାଖଲ କଲେ ।ଉକ୍ତ ଅଭିଯୋଗଟି U.D.R. ସଂଖ୍ୟା 40/98 ରେ ପଞ୍ଜୀକୃତ ହୋଇଥିଲା । ଯାଞ୍ଚ କରାଯାଇଥିବା ଅଭିଯୋଜନ ସାକ୍ଷୀ 1ଙ୍କ କହିବା ଅନୁଯାୟୀ ପଞ୍ଚନାମା କରାଗଲା । ଯାଞ୍ଚ କରାଯାଇଥିବା ଅଭିଯୋଜନ ସାକ୍ଷୀ 3 ଙ୍କ କହିବା ଅନୁଯାୟୀ, କୁମାଦାଭାଥୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଅଭିଯୋଜନ ସାକ୍ଷୀ 6 ଙ୍କ ନିକଟକୁ ପଠାଗଲା, ଯିଏ ବ୍ୟବଚ୍ଛେଦ କରିଥିଲେ ଏବଂ ବ୍ୟବଚ୍ଛେଦ ବିବରଣୀ ପ୍ରଦାନ କଲେ । ଯାଞ୍ଚ କରାଯାଇଥିବା ଅଭିଯୋଜନ ସାକ୍ଷୀ 3 (c) ଙ୍କ କହିବା ଅନୁଯାୟୀ, ଅଭିଯୋଜନ ସାକ୍ଷୀ 6 ମତ ଦେଲେ ଯେ ଏଠାରେ ଗଳା ଚିପିବା କାରଣରୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି । ତଦନ୍ତ ଶେଷ ହେବା ପରେ ଅଭିଯୁକ୍ତଙ୍କ ବିରୋଧରେ ଆରୋପ ପତ୍ର ଦାଖଲ କରାଗଲା । ଅଭିଯୁକ୍ତ ଦୋଷ ସ୍ୱୀକାର କଲେ ନାହିଁ ଏବଂ ଏହାର ବିଚାର କରାଯାଉ ବୋଲି ଦାବି କଲେ । ଅଭିଯୋଜନ ପକ୍ଷ ଅଭିଯୋଜନ ସାକ୍ଷୀ 1 ରୁ 17 ଙ୍କୁ ଯାଞ୍ଚ କଲେ ଏବଂ ଅଭିଯୋଜନ ସାକ୍ଷୀ 1 ରୁ 11 ଙ୍କୁ ଏବଂ ପ୍ରାସଙ୍ଗିକ ବସ୍ତୁ ସଂଖ୍ୟା 1 ରୁ 4 ପର୍ଯ୍ୟନ୍ତ ଚିହ୍ନିତ କଲେ । ଅଭିଯୋଜନ ସାକ୍ଷୀ 3 ଏବଂ 13 ଙ୍କ ପ୍ରମାଣରେ ଯାଞ୍ଚ କରାଯାଇଥିବା ପ୍ରତିପକ୍ଷ

ସାକ୍ଷୀ 1 ଏବଂ 4 ଙ୍କୁ ଚିହ୍ନିତ କରାଗଲା । ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 313 ଅନୁଯାୟୀ, ଅଭିଯୁକ୍ତଙ୍କର ବିବୃତିକୁ ଉଲ୍ଲେଖ କରାଗଲା । ଅଭିଯୁକ୍ତଙ୍କର ପ୍ରତିରକ୍ଷାରେ ଏହା ଉପସ୍ଥାପନ କରାଗଲା ଯେ ତାଙ୍କ ପତ୍ନୀ କୁମାଦାଭାଥୀ ସିଡ଼ିରୁ ତଳକୁ ଖସି ପଡ଼ି ମୃତ୍ୟୁ ବରଣ କରିଥିଲେ । ଅଭିଯୁକ୍ତ କୌଣସି ପ୍ରତିରକ୍ଷା ପ୍ରମାଣ ଉପସ୍ଥାପନ କରିନଥିଲେ । ବିଦ୍ୱାନ ସରକାରୀ ଅଧିବକ୍ତା ଏବଂ ଅଭିଯୁକ୍ତଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଅଧିବକ୍ତାଙ୍କ ଯୁକ୍ତି ଉପରେ ବିଚାର କରି ଏବଂ ଅଭିଯୋଜକଙ୍କ ଦ୍ୱାରା ଦାଖଲ ହୋଇଥିବା ମୌଖିକ ଏବଂ ଦସ୍ତାବିଜ ସାକ୍ଷ୍ୟକୁ ତର୍ଜମା କରି ବିଚାରଣ ଅଦାଲତ ରାୟ ଦେଲେ ଯେ ଅଭିଯୁକ୍ତଙ୍କ ଦ୍ୱାରା ଗଳା ଚିପିବା କାରଣରୁ କୁମାଦାଭାଥୀଙ୍କ ନରହତ୍ୟା ଜନିତ ମୃତ୍ୟୁ ଘଟିଛି ଏବଂ ଅଭିଯୋଜନ ପକ୍ଷ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ କରିଛନ୍ତି ଯେ ଅଭିଯୁକ୍ତ ଆବେଦନକାରୀ ଭାରତୀୟ ଦଣ୍ଡ ସଂହିତାର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ଘଟାଇଛନ୍ତି, ଏବଂ ତାଙ୍କୁ ତାରିଖ 07.12.2004 ର ଦୋଷୀ ସାବ୍ୟସ୍ତୀକରଣର ଆକ୍ଷେପିତ ରାୟ ଦ୍ୱାରା ଏବଂ ତାରିଖ 09.12.2004 ର ଦଣ୍ଡାଦେଶ ଦ୍ୱାରା ତାଙ୍କୁ ଦଣ୍ଡିତ କଲେ । ବିଚାରଣ ଅଦାଲତ ମୁଖ୍ୟତଃ ଅଭିଯୁକ୍ତଙ୍କ ଦ୍ୱାରା କରାଯାଇଥିବା ଅଦାଲତ ବାହାର ଦୋଷ ସ୍ୱୀକାରୋକ୍ତି ଉପରେ ନିର୍ଭର କରିଥିଲେ ।

ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କ ଆଭିମୁଖ୍ୟକୁ ଗ୍ରହଣ କରିନଥିଲେ ଯେ ନଥିରେ ଥିବା ତଥ୍ୟ ଦ୍ୱାରା ସମ୍ଭାବ୍ୟ ଭାବରେ ମୃତଙ୍କ ସିଡ଼ି ପଡ଼ିବା କାରଣରୁ ଆହତ ହୋଇଥିଲେ । ଅଭିଯୁକ୍ତଙ୍କ ଆଭିମୁଖ୍ୟ ଥିଲା ଯେ ଅଭିଯୁକ୍ତଙ୍କ ଦ୍ୱାରା ଅଭିଯୋଜନ ସାକ୍ଷୀ 10 ଏବଂ 13 ଙ୍କ ସମ୍ମୁଖରେ ତଥାକଥିତ ଅଦାଲତ ବାହାର ଦୋଷ ସ୍ୱୀକାରୋକ୍ତି ବିଶ୍ୱସନୀୟ ଏବଂ ସତ୍ୟ ନୁହେଁ । ତଥାକଥିତ ଅଦାଲତ ବାହାର ଦୋଷ ସ୍ୱୀକାରୋକ୍ତିକୁ ପ୍ରମାଣ କରିବା ପାଇଁ ଅଭିଯୋଜନ ପକ୍ଷ -13ଙ୍କ ଯାଞ୍ଚ କରାଯାଇଥିଲା । ଅଭିଯୋଜନ ପକ୍ଷଙ୍କ କହିବା ଅନୁଯାୟୀ ଅଭିଯୁକ୍ତ ଅଦାଲତ ବାହାର ଦୋଷ ସ୍ୱୀକାର କରିଥିଲେ । ଉଚ୍ଚ ନ୍ୟାୟାଳୟ ରାୟ ଦେଲେ ଏଠାରେ ଯେଉଁ ଅତିରିକ୍ତ ନ୍ୟାୟିକ ଦୋଷ ସ୍ୱୀକାର କରାଯାଇଛି ତାହା ଅଭିଯୋଜନ ପକ୍ଷର ମାମଲାକୁ ପ୍ରମାଣିତ କରିନାହିଁ । ଅଭିଯୋଜନ ସାକ୍ଷୀ -13 ପୋଲିସ ସମ୍ମୁଖରେ ତାଙ୍କ ବିବୃତିରେ କହିଥିଲେ ଯେ ସେ ମୃତଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ଦେଖିବାକୁ ଯାଇଥିଲେ ଏବଂ ଅଭିଯୁକ୍ତ ତାଙ୍କୁ ସୂଚନା ଦେଇଥିଲେ ଯେ ମୃତଙ୍କ ସିଡ଼ି ଉପରୁ ତଳକୁ ଖସି, ଆହତ ହୋଇ ମୃତ୍ୟୁ ବରଣ କରିଥିଲେ । ତାଙ୍କ ଜେରା ବେଳେ ସେ ଏହା ମଧ୍ୟ ଦର୍ଶାଇଥିଲେ ଯେ ଅଭିଯୁକ୍ତ ଜଣକ ପ୍ରାୟ ଦୁଇ ମାସ ପରେ ତାଙ୍କୁ ଘଟଣା ବିଷୟରେ କହିଥିଲେ ।

ଅଭିଯୁକ୍ତ 5.3.1999 ରୁ 1.9.1999 ପର୍ଯ୍ୟନ୍ତ ହାଜତରେ ଥିଲେ, ସେଥିପାଇଁ ଏହା ଅତ୍ୟନ୍ତ ଅସମ୍ଭବ ଥିଲା ଯେ ଅଭିଯୁକ୍ତ, ଅଭିଯୋଜନ ସାକ୍ଷୀ -13 ଙ୍କୁ ସୂଚନା ଦେଇଥିଲା ଯେ ତାଙ୍କ ପତ୍ନୀ ସିଡ଼ିରୁ ଖସି ମୃତ୍ୟୁବରଣ କରିଛନ୍ତି । କିନ୍ତୁ ଉଚ୍ଚ ନ୍ୟାୟାଳୟ ଅଭିଯୋଜନ ସାକ୍ଷୀ -13 ଙ୍କ ର ପ୍ରମାଣ ଉପରେ ଉପରେ ଏତେ ମାତ୍ରାରେ ନିର୍ଭର କରିଥିଲେ ଯେ ଅଭିଯୁକ୍ତ, ଅଭିଯୋଜନ ସାକ୍ଷୀ -11 କଳାବତୀଙ୍କ ସହ ପ୍ରେମ ସମ୍ପର୍କରେ ଥିବା ଦର୍ଶାଇବା ଅଭିଯୋଜନ ପକ୍ଷ ପାଇଁ ସହାୟକ ହୋଇଥିଲା । କୌତୁହଳର ବିଷୟ ହେଉଛି, ଅଭିଯୋଜନ ସାକ୍ଷୀ -10 ଅଦାଲତ ବାହାର ଦୋଷ ସ୍ୱୀକାର ବିଷୟରେ ପୋଲିସକୁ କହିଥିଲେ ।

4. ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ଅଧିବକ୍ତା, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦିଆଯାଇଥିବା ଆଭିମୁଖ୍ୟକୁ ପୁନର୍ବାର ଦୋହରାଇଥିଲେ ।

5. ଅନ୍ୟପକ୍ଷରେ ଉତ୍ତରଦାତା-ରାଜ୍ୟ ପାଇଁ ବିଦ୍ୱାନ ଅଧିବକ୍ତା ଏହି ରାୟକୁ ସମର୍ଥନ କରିଥିଲେ ।

6. ଏହି ମାମଲା ମୁଖ୍ୟତଃ ତଥାକଥିତ ଅଦାଲତ ବାହାର ଦୋଷ ସ୍ୱୀକାର ଉପରେ ଆଧାରିତ ଥିଲା ଯାହାକୁ ଉଚ୍ଚ ନ୍ୟାୟାଳୟ ଅବିଶ୍ୱାସ କରିଛନ୍ତି । ଅଭିଯୋଜନ ସାକ୍ଷୀ -10 ଙ୍କ ର ପ୍ରମାଣ ଉଚ୍ଚ ନ୍ୟାୟାଳୟଙ୍କୁ ବିଚାରାର୍ଥେ ପ୍ରେରଣ କରାଯାଇଛି । ଘଟଣା ସ୍ଥଳରେ କିଏ ଅଭିଯୋଜନ ସାକ୍ଷୀ -10 ଙ୍କୁ ଡାକିଥିଲା ତାହା ନଥିରେ ନାହିଁ । ଅଭିଯୋଜନ ସାକ୍ଷୀ -10 ଙ୍କୁ ଡକାଯିବା ବିଷୟରେ କୌଣସି ସାକ୍ଷୀ କିଛି କହିନାହାନ୍ତି । ଅପରପକ୍ଷରେ, ଡକ୍ଟର ମାଲ୍ଲିକାର୍ଜୁନ ତାଙ୍କ ଯାଞ୍ଚରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ସେ ତଦନ୍ତକାରୀ ଅଧିକାରୀଙ୍କୁ କହିଥିଲେ ଯେ, ସେ ମହିଳା ଜଣ ଙ୍କୁ ପରୀକ୍ଷା କରିବା ସମୟରେ ସେ ପୂର୍ବରୁ ମୃତ୍ୟୁବରଣ କରିସାରିଥିଲେ । ଡାକ୍ତର ମଲ୍ଲିକାର୍ଜୁନ ମୃତ ବ୍ୟକ୍ତିଙ୍କୁ ମୃତ ଘୋଷଣା କରିବା ପରେ ଅଭୋଯୋଜନ ସାକ୍ଷୀ -10 ଙ୍କୁ ଡକାଯିବାର କୌଣସି ଆବଶ୍ୟକତା ନଥିଲା ।

7. ଉପରୋକ୍ତ ସ୍ଥିତି ଯୋଗୁଁ , ଏଠାରେ ଅଭିଯୁକ୍ତ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ଅନୁଚିତ ହେବ । ତେଣୁ ତାଙ୍କ ଦୋଷୀସାବ୍ୟସ୍ତିକରଣକୁ ରଦ୍ଦ କରିଦିଆଗଲା । ଅନ୍ୟ କୌଣସି ମାମଲାରେ ହେପାଜତରେ ରହିବା ଆବଶ୍ୟକ ନ ପଡ଼ିଲେ ତାଙ୍କୁ ତୁରନ୍ତ ମୁକ୍ତ କରାଯିବ ।

8. ଆବେଦନକୁ ଅନୁମତି ଦିଆଗଲା ।

ବି. ବି. ବି.                                                  ଆବେଦନକୁ ଅନୁମତି ଦିଆଗଲା I

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।